# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 February – 2026

*********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ଜନତାଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ସେବାତୀର୍ଥ ଓ କର୍ତ୍ତବ୍ୟ ଭବନର ନିର୍ମାଣ କରାଯାଇଛି; କହିଲେ ପ୍ରଧାନମନ୍ତ୍ରୀ
- ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆଗାମୀ ୪ ବର୍ଷରେ ମହାପ୍ରଭୁଙ୍କ ଦର୍ଶନ କରିବେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ
- ନବରଙ୍ଗପୁରରେ ୪୪୬ କୋଟି ଟଙ୍କାର ୧୭୭ଟି ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ସମାଜର ବିକାଶରେ ରେଡିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରି ଆଜି ପାଳନ କରାଯାଉଛି ବିଶ୍ୱ ରେଡିଓ ଦିବସ

# ପିଏମ୍-ସେବାତୀର୍ଥ

ଭାରତୀୟ ଜନତାଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ସେବାତୀର୍ଥ ଓ କର୍ତ୍ତବ୍ୟ ଭବନର ନିର୍ମାଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀରେ  ଆଜି ସେବାତୀର୍ଥ କମ୍ପ୍ଲେକ୍ସର ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି, ଏହି ଭବନରୁ ବିକଶିତ ଭାରତର ନୂଆ ଯାତ୍ରା ଆରମ୍ଭ ହେବ। ୧୪୦ କୋଟି ଦେଶବାସୀଙ୍କ ଭାବନାକୁ ଆଗେଇ ନେବା ପାଇଁ ଉଭୟ ସେବା ତୀର୍ଥ ଓ କର୍ତ୍ତବ୍ୟ ଭବନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବର୍ତ୍ତମାନ ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପୂରଣ ହୋଇସାରିଛି। ବିକଶିତ ଭାରତର କଳ୍ପନା ନୀତି ଓ ଯୋଜନାରେ ସୀମିତ ରହିନାହିଁ। ଏହା ତାର କାର୍ଯ୍ୟସ୍ଥଳୀ ଓ ଅଟ୍ଟାଳିକାରେ ଦୃଶ୍ୟମାନ ହେବ। ନୂତନ ବୈଷୟିକ ଜ୍ଞାନକୌଶଳର ବ୍ୟବହାରକୁ ଗୁରୁତ୍ୱ ଦେଇ ଏହି ଭବନର ନିର୍ମାଣ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -**

ଏହି ନୂତନ ଅଟ୍ଟାଳିକାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିବ । ସେବାତୀର୍ଥକୁ ସ୍ଥାନାନ୍ତରିତ ହେବା ପରେ ପ୍ରଥମ ନିଷ୍ପତ୍ତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ପ୍ରଧାନମନ୍ତ୍ରୀ ରାହତ୍ ଯୋଜନା, ଲକ୍ଷପତି ଦିଦିଙ୍କ ଲକ୍ଷ୍ୟକୁ ଦ୍ୱିଗୁଣ କରି ୬ କୋଟି, କୃଷି ଭିତ୍ତିଭୂମି ପାଣ୍ଠିକୁ ଦ୍ୱିଗୁଣିତ କରି ୨ ଲକ୍ଷ କୋଟି ଟଙ୍କା ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ପାଣ୍ଠି ଟୁ ପଏଣ୍ଟ ଓ'କୁ ୧୦ ହଜାର କୋଟି ଟଙ୍କାର କର୍ପସ୍ ପାଣ୍ଠି ମଞ୍ଜୁର କରିଛନ୍ତି । ସରକାର  ମାର୍ଚ୍ଚ

୨୦୨୯ ସୁଦ୍ଧା ୬ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଭାରତର ସମଗ୍ର କୃଷି ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ କୃଷି ଭିତ୍ତିଭୂମି ପାଣ୍ଠିକୁ ୨ ଲକ୍ଷ କୋଟି ଟଙ୍କାକୁ ଦ୍ୱିଗୁଣିତ କରାଯାଇଛି ।

## ମୁଖ୍ୟମନ୍ତ୍ରୀ-ଶ୍ରୀଜଗନ୍ନାଥ

ଜଗନ୍ନାଥ ଦର୍ଶନ ଯୋଜନାରେ ଆଗାମୀ ୪ ବର୍ଷ ମଧ୍ୟରେ ୧ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମହାପ୍ରଭୁଙ୍କ ଦିବ୍ୟ ଅନୁଭୂତି ପ୍ରଦାନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନବରଙ୍ଗପୁର ଜିଲ୍ଲାରୁ ଆଜି ଏହି ଯୋଜନାର ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, ଓଡ଼ିଆ ଜାତି ଓ ଜାଗୃତିର ପ୍ରାଣକେନ୍ଦ୍ର ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମହୋଦଧିରେ ସ୍ନାନ, ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ ହେଉଛି, ପ୍ରତି ଓଡ଼ିଆର ସର୍ବଶ୍ରେଷ୍ଠ ଧନ ଓ ମାନ। ମହାପ୍ରଭୁଙ୍କ ସହଜ ଓ ସାବଲୀଳ ଦର୍ଶନ ପାଇଁ ସରକାର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟର ୫ଟି ଜିଲ୍ଲାରେ ଆଜି ଏକସଙ୍ଗେ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୫୪୦ ଜଣ ବରିଷ୍ଠ ନାଗରିକ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁଯୋଗ ପାଇଛନ୍ତି। ଚଳିତବର୍ଷ ପ୍ରାୟ ୫ ହଜାର ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ୬୦ ରୁ ୭୫ ବର୍ଷ ବୟସ ମଧ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକଙ୍କୁ ସାମିଲ କରାଯାଇଛି। ପୁରୀର ବୃନ୍ଦାବତୀ ନିବାସରେ ସମସ୍ତ ବ୍ୟବସ୍ଥା, ମହାପ୍ରସାଦ ସେବନ ସହ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ସହ ଜିଲ୍ଲାରେ ୪୪୬

କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭୭ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି।

## ଏସ୍‌ସିବି

କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ରୋଗୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବର୍ହିବିଭାଗ (ଓପିଡି) ଚିକିତ୍ସା ସେବାରେ ପରିବର୍ତ୍ତନ କରାଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ରୋଗୀମାନେ ନିର୍ଦ୍ଧାରିତ ଦିନ ବ୍ୟତୀତ ଅନ୍ୟ କାର୍ଯ୍ୟଦିବସରେ ବିଭାଗୀୟ ଡାକ୍ତରଙ୍କ ପରାମର୍ଶ ପାଇପାରିବେ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପୂର୍ବରୁ ବର୍ହିବିଭାଗରେ ପରାମର୍ଶପାଇଁ ନିର୍ଦ୍ଧାରିତ ଦିନ ସ୍ଥିର କରାଯାଇଥିଲା।

# ଆଜି ବିଶ୍ୱ ରେଡ଼ିଓ ଦିବସ

ସମାଜର ବିକାଶରେ ରେଡ଼ିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ବିଶ୍ୱର ସବୁଠାରୁ ବଡ଼ ଗଣମାଧ୍ୟମ ହିସାବରେ ଆଜି ମଧ୍ୟ ରେଡିଓର ଲୋକପ୍ରିୟତା ଅତୁଟ ରହିଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି "ରେଡିଓ ଏବଂ କୃତ୍ରିମ ବୁଦ୍ଧିମତ୍ତା : ଏଆଇ ସ୍ୱର ନୁହେଁ ଏକ ଉପକରଣ।"

ରେଡିଓ କେବଳ ସମ୍ବାଦ ପ୍ରସାରଣର ମାଧ୍ୟମ ନୁହେଁ, ଏହା ଭାବନାର ସେତୁ ଓ ସ୍ୱରର ଯାଦୁ। ରେଡିଓ କଥା କହିବାର ଶୈଳୀ, ଶୁଣିବାର ଧୈର୍ଯ୍ୟ ଏବଂ ଲୋକଙ୍କ ସହ ଯୋଡ଼ିବାର ଦାୟିତ୍ୱ ନିର୍ବାହ କରିଥାଏ। ଶିକ୍ଷାର ପ୍ରଚାର-

ପ୍ରସାରଠାରୁ ଆରମ୍ଭ କରି ସମାଜରେ ଜନସଚେତନତା ସୃଷ୍ଟି ଓ ଲୋକଙ୍କ ମନୋରଞ୍ଜନରେ ରେଡିଓର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ପଙ୍କୋଦ୍ଧାର ଏକାଦଶୀ

ପଙ୍କୋଦ୍ଧାର ଏକାଦଶୀ ଅବସରରେ ଆଜି ପୁରୀ ଶ୍ରୀଶ୍ରୀଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନ ଅନୁଷ୍ଠିତ ହେଉଛି।  ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀ ଶ୍ରୀ ଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନର ସୌଭାଗ୍ୟ ଆଜି ପ୍ରାପ୍ତ ହେଉଥିବା ହେତୁ ଭକ୍ତଙ୍କ ସମାଗମ ହୋଇଛି । ଭୋର ୪ଟାରୁ ନୈବେଦ୍ୟ ପଙ୍କ ଆଦି କଢ଼ାଯିବା କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ମହାସ୍ନାନ କରାଯାଇ ଶ୍ରଦ୍ଧାଳୁମାନଙ୍କ ପାଇଁ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହେଉଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବୃତ୍ତଙ୍ଗ ଜଳସେଚନ

**ନୟାଗଡ଼** ଜିଲ୍ଲାର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପର ଅଗ୍ରଗତି ସଂକ୍ରାନ୍ତୀୟ ଚତୁର୍ଥ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାରେ କୁଲୁରୁକୁମ୍ପା ପଞ୍ଚାୟତର ଭୀମଖନ୍ଦା, ବିଡାପାଜୁ, କୋରାଗାଡୁ ଏବଂ ହଳଦିଆପାହାଡ ଗ୍ରାମବାସୀ ଯୋଗଦେଇଥିଲେ।

## ଚାଷ ସମସ୍ୟା

**ଭଦ୍ରକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ଚାଷୀଙ୍କ ସହିତ ଧାନ କ୍ରୟ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୩ ଲକ୍ଷ କୁଇଣ୍ଟାଲ ଧାନ

ଚାଷୀଙ୍କଠାରୁ କିଣା ସରିଥିବାବେଳେ ଚାଷୀମାନେ ଯେପରି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି।

## କନ୍ୟାସନ୍ତାନ ଦିବସ ପାଳନ

**ନୟାଗଡ଼** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜାତୀୟ କନ୍ୟାସନ୍ତାନ ଦିବସ ପାଳନ ଅବସରରେ ଏକ ପଦଯାତ୍ରା ଆୟୋଜିତ ହୋଇଯାଇଛି। ପଦଯାତ୍ରାରେ କନ୍ୟାସନ୍ତାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସଶକ୍ତୀକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି।

## ଏବେ କିଛି ସମ୍ବାଦ ସଂକ୍ଷେପରେ...

ପରିବେଶ ପ୍ରଦୂଷଣ ସଂକ୍ରାନ୍ତରେ ଜନସଚେତନତା ଉଦ୍ଦେଶ୍ୟରେ **ଢେଙ୍କାନାଳ** ଜିଲ୍ଲା ବଳରାମ ମନ୍ଦିରଠାରୁ କପିଳାସ ପୀଠ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ବିଶ୍ୱ ସାମାଜିକ ନ୍ୟାୟ ଦିବସ ୨୦୨୬ ପରିପ୍ରେକ୍ଷୀରେ **ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜିଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ସପ୍ତାହ ପାଳନ କରାଯାଉଛି।

**ନୟାଗଡ଼** ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି।

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଗାମୀ ୨୦୨୭ ଜନଗଣନା ସଂକ୍ରାନ୍ତରେ ଜିଲ୍ଲାସ୍ତରୀୟ ଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।

**ସୁବର୍ଣ୍ଣପୁର** ଜିଲ୍ଲା ରୟାଲ ପଡିଆଠାରେ ସପ୍ତମ ଜିଲ୍ଲା ପୁସ୍ତକ ଓ ସାରସ୍ୱତ ଉତ୍ସବ ଇଙ୍କ ଫେଷ୍ଟ-୨୦୨୬ ଆସନ୍ତାକାଲିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ପାଠଚକ୍ର

**ନୟାଗଡ଼** ଜିଲ୍ଲା ରାଜସୁନାଖଳାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲ୍ଲାସ୍ତରୀୟ ପାଠଚକ୍ର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବ୍ଲକ୍‌ରୁ ଆସିଥିବା ସିଆରସିସି, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଗୁରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।